# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 April - 2025

**********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ର ନିର୍ମାଣରେ ଯୁବଗୋଷ୍ଠୀଙ୍କ ଅଂଶଗ୍ରହଣ ଯୋଗୁଁ ଭାରତ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ପାଉଛି; କହିଲେ ପ୍ରଧାନମନ୍ତ୍ରୀ

– ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ବଣ୍ଟନ କଲେ ନିଯୁକ୍ତିପତ୍ର

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ କରିବେ ଭାବବିନିମୟ

- ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ପାଇଁ ଏକ ସଂଗଠିତ ପଦକ୍ଷେପର ଆବଶ୍ୟକତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

ଏବଂ

- ଗ୍ରୀଷ୍ମ ପ୍ରକୋପ ଆସନ୍ତାକାଲି ପର୍ଯ୍ୟନ୍ତ ଜାରି ରହିବ; ସୋମବାରଠାରୁ ପାଗରେ ସାମାନ୍ୟ ପରିବର୍ତ୍ତନର ସୂଚନା

*Desk*

# ପିଏମ୍-ରୋଜଗାରମେଳା

ରାଷ୍ଟ୍ର ନିର୍ମାଣରେ ଯୁବଗୋଷ୍ଠୀଙ୍କ ଅଂଶଗ୍ରହଣ  ଯୋଗୁଁ ଦେଶ' ବିଶ୍ୱର ସ୍ୱତନ୍ତ୍ର ପରିଚୟ ପାଇବା ସହ ଦ୍ରୁତ ବିକାଶ ପଥରେ ଅଗ୍ରସର ହେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ କେନ୍ଦ୍ର ସରକାରଙ୍କର ବିଭିନ୍ନ ବିଭାଗ ଓ ପ୍ରତିଷ୍ଠାନରେ ନିଯୁକ୍ତି ପାଇଥିବା ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରି ଶ୍ରୀ ମୋଦୀ କହିଛନ୍ତି, କଠିନ ପରିଶ୍ରମ ଏବଂ ଉଦ୍ଭାବନ ବଳରେ ଯୁବପିଢ଼ି ଦେଶରେ ରହିଥିବା ସମ୍ଭାବନା ସଂପର୍କରେ ବିଶ୍ୱକୁ ଅବଗତ କରାଉଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ବଜେଟ୍‌ରେ ସରକାର ଉତ୍ପାଦନ କ୍ଷେତ୍ରକୁ ମିଶନ ମୋଡ୍‌ରେ କାର୍ଯ୍ୟକାରି କରିବା ନେଇ ବ୍ୟବସ୍ଥା କରାଯାଇଛି । ମେକ୍ ଇନ୍ ଇଣ୍ଡିଆ ଅଭିଯାନକୁ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀଙ୍କୁ ଏହା ଦ୍ୱାରା ସହଯୋଗ ପ୍ରଦାନର ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ନିଯୁକ୍ତିକ୍ଷେତ୍ର ମଧ୍ୟ ତ୍ୱରାନ୍ୱିତ ହୋଇପାରିବ । ମହାକାଶ ବିଜ୍ଞାନ  ସମେତ ବିଭିନ୍ନ କ୍ଷେତ୍ରରେ ମହିଳା ନୂତନ ଶିଖରରେ ପହଁଞ୍ଚିପାରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଶ୍ରୀ ମୋଦୀ’ ମୁମ୍ବାଇରେ ଆସନ୍ତା ମାସ ପହିଲାରୁ ଆରମ୍ଭ ହେବାକୁ ଥିବା ବିଶ୍ୱ ଦୃଶ୍ୟ ଓ ଶ୍ରାବ୍ୟ ସମ୍ମିଳନୀ ୱେଭ୍ସ-୨୦୨୫ ଉପରେ ଆଲୋକପାତ କରିଥିଲେ । ଦେଶର ୪୭ଟି ସ୍ଥାନରେ ଆଜି ଏହି ରୋଜଗାର ମେଳା ଅନୁଷ୍ଠିତ ହୋଇଛି ।

***Desk***

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ‘ମନ୍ କି ବାତ୍’ର ୧୨୧ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

*Desk*

## ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଆସନ୍ତା ୨୮ ତାରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ ଏହାକୁ ବନ୍ଦ ରଖାଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଅବଗତ କରାଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି।

*Desk*

## ପଦ୍ମ ପୁରସ୍କାର

କେନ୍ଦ୍ର ସରକାରଙ୍କ ଘୋଷଣା ମୁତାବକ ପଦ୍ମ ପୁରସ୍କାର-୨୦୨୬ ନିମନ୍ତେ ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ଜୁଲାଇ ମାସ ୩୧ ତାରିଖ ସୁଦ୍ଧା ସେମାନଙ୍କ ମନୋନୟନପତ୍ର ଅନଲାଇନ୍ ମାଧ୍ୟମରେ ସିଧାସଳଖ ଆବେଦନ କରିପାରିବେ। ଗୃହ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ୱେବସାଇଟ୍ www.padmaawards.gov.in.ରେ ଏ ସଂକ୍ରାନ୍ତ ସମସ୍ତ ତଥ୍ୟ ଉପଲବ୍ଧ ହେଉଛି। ଆବେଦନ କରାଯାଇଥିବା ମନୋନୟନପତ୍ର ଗୁଡ଼ିକ ମଧ୍ୟରୁ ଯୋଗ୍ୟ ପ୍ରାର୍ଥୀ ଚୟନ କରାଯାଇ ରାଜ୍ୟ ସରକାରଙ୍କ ଦ୍ୱାରା ସେମାନଙ୍କ ନାମ ପଦ୍ମ ପୁରସ୍କାର ନିମନ୍ତେ କେନ୍ଦ୍ର ସରକାରଙ୍କୁ ସୁପାରିସ କରାଯିବ ବୋଲି ଗୃହ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

*Puri*

## ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ

ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜୀଉମାନଙ୍କର ସ୍ୱତନ୍ତ୍ର ନୀତି ଯୋଗୁଁ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଚଳିତ ମାସ ୨୯ ତାରିଖଠାରୁ ଜୁନ୍ ୨୭ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଚଳିତ ମାସ ୨୯ ତାରିଖରେ ଚନ୍ଦନ ଅଧିବାସ, ୩୦ ତାରିଖରେ ଅକ୍ଷୟ ତୃତୀୟା ନୀତିକାନ୍ତି ଯୋଗୁଁ ମରାମତି କାର୍ଯ୍ୟ ବନ୍ଦ ରହିବ। ତେବେ ଜୁନ ୨୭ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା ପରେ ଜୁନ୍ ୨୮ ତାରିଖରୁ ଅବଶିଷ୍ଟ ମରାମତି କାର୍ଯ୍ୟ ଶେଷ କରାଯିବ।

*Desk*

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

ମନୁଷ୍ୟର ଜୀବନଧାରଣରେ ପ୍ରାଣୀ ସମ୍ପଦର ଗୁରୁତ୍ୱ ନେଇ ପୃଥିବୀରେ ଆଜି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ କରାଯାଉଛି । ୨୦୦୧ ମସିହାରୁ ପ୍ରତିବର୍ଷ ଆଜିର ଦିନରେ ପ୍ରାଣୀମାନଙ୍କୁ ସହାନୁଭୂତି ମୂଳକ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ବର୍ଷର ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସର ବାର୍ତ୍ତା ରହିଛି ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟପାଇଁ ଏକ ସଙ୍ଗଠିତ ପଦକ୍ଷେପର ଆବଶ୍ୟକତା ।

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ରାଜ୍ୟ ସରକାର ଗାଈ ଓ ମଇଁଷି ପାଳନ ପାଇଁ ୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଏବଂ ଗୋମାତା ଯୋଜନାରେ ପ୍ରାଣୀ ସ୍ୱାସ୍ଥ୍ୟସେବାରେ ସୁଦୃଢ଼ୀକରଣ ବ୍ୟବସ୍ଥା ରହିଛି। ବୁଲା ଗାଈଗୋରୁଙ୍କ ପାଇଁ ଗୋଶାଳା ପ୍ରତିଷ୍ଠା ନିମନ୍ତେ ୫୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ଯୋଗାଇ ଦେଉଛନ୍ତି। ଏ ସମ୍ପର୍କରେ ପ୍ରାଣୀ ପାଳନ ଓ ଚିକିତ୍ସାର ଉପନିର୍ଦ୍ଦେଶକ ଡକ୍ଟର ମଦନ ମୋହନ ମହାପାତ୍ର ଆକାଶବାଣୀକୁ କହିଛନ୍ତି...

**- V/O –**

***Sonepur/Kalahandi/Desk***

## ଗଜପତି ମହାରାଜାଙ୍କ ଜୟନ୍ତୀ

ନୂତନ ଓଡ଼ିଶା ଗଠନର ଅନ୍ୟତମ କର୍ଣ୍ଣଧାର ଏବଂ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାରାଜଙ୍କର ଆଜି ୧୩୪ତମ ଜୟନ୍ତୀ ପାଳନ ଅବସରରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । ଏହି ଉପଲକ୍ଷେ ରାଜାଙ୍କର ପୈତୃକ ସ୍ଥାନ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି, ରାଜ୍ୟର ବିଭିନ୍ନ ସ୍ଥାନ ଏବଂ ଭୁବନେଶ୍ୱରରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି । ପାରଳାଖେମୁଣ୍ଡି ସହରର ବଜାର ଛକ, ଗାନ୍ଧି ଛକ ଏବଂ ସମାଧିପୀଠରେ ମହାରାଜାଙ୍କର ପ୍ରତିମୂର୍ତ୍ତିରେ ଆଜି ସକାଳୁ ସାଧାରଣ ଜନତା ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ

ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ କାର୍ଯ୍ୟକ୍ରମରେ ସନ୍ଧ୍ୟା ୬ଟାରେ ଜୟଦେବ ଭବନରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଛନ୍ତି, ଆଧୁନିକ ଓଡ଼ିଶା ଗଠନ ସହ ରାଜ୍ୟରେ ପ୍ରଗତି, ଜନସାଧାରଣଙ୍କ କଲ୍ୟାଣ ଏବଂ ଶିକ୍ଷା ଓ ସାହିତ୍ୟ ମଧ୍ୟରେ ସମାଜର ଉନ୍ନତି ପାଇଁ ତାଙ୍କର ଅବଦାନ ସର୍ବଦା ପ୍ରେରଣାଦାୟୀ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସାମାଜିକ ଗଣମାଧ୍ୟମରେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଓଡ଼ିଶା ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ସଭାରେ ଜାତି ଓ ମାତୃଭାଷା ପ୍ରେମ ତଥା ଓଡ଼ିଶା ପ୍ରଦେଶ ଗଠନରେ ମହାରାଜଙ୍କର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା।

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆୟୋଜିତ ଜୟନ୍ତୀ ସମାରୋହରେ

ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ କୃଷ୍ଣଚନ୍ଦ୍ର ଗଜପତିଙ୍କର ଓଡ଼ିଶା ପ୍ରଦେଶ ଗଠନରେ ତ୍ୟାଗ ଓ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।

***Desk***

## ବୌଦ୍ଧିକ ସମ୍ପତ୍ତି ଦିବସ

ଆଜି ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ । ବିଶ୍ୱ ବୌଦ୍ଧିକ ସମ୍ପତ୍ତି ସଂଗଠନର ପ୍ରସ୍ତାବ କ୍ରମେ ୨୦୦୦ ମସିହା ଠାରୁ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ ପାଳନ କରାଯାଉଛି । କପି ରାଇଟ୍, ଟ୍ରେଡ୍‌ମାର୍କ, ଡିଜାଇନ୍, ପେଟେଣ୍ଟେ ଭଳି ବୌଦ୍ଧିକ ସମ୍ପତ୍ତି ସଂପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ଏହା ସହିତ ଏହି ସମ୍ପତ୍ତି ଗୁଡ଼ିକର ଦୁରୁପଯୋଗ ନେଇ ବିଭିନ୍ନ ଆଇନ ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏହି ଦିବସ ପାଳନର ଅନ୍ୟ ଏକ ମୂଳ ଲକ୍ଷ୍ୟ । ଏହା ସହିତ ନୂତନ ଉଦ୍ଭାବନ, ନୂତନ ବିଚାର ଆଦିକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଏହି ଦିବସ ପାଳନ ସହାୟକ ହୋଇଥାଏ ।

***BHK***

## ବଡ଼ସିଂହାର ବେଶ

ବୈଶାଖ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଆଜି ଭଦ୍ରକ ଜିଲ୍ଲା ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠରେ ବଡ଼ସିଂହାର ବେଶ ଅନୁଷ୍ଠିତ

ହୋଇଛି । ମଣିବାବାଙ୍କୁ ଦର୍ଶନ କରିବା ଲାଗି ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

***Desk***

## କଳିଙ୍ଗ ସୁପରକପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ କଳିଙ୍ଗ ସୁପରକପ୍-୨୦୨୫ର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଆଜି ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସ ଏଫ୍‌ସି' ମୋହନ ବାଗାନ ସୁପର ଜାଏଣ୍ଟ୍‌ସ ମଧ୍ୟରେ ମୁକାବିଲା ହେବ। ଦ୍ୱିତୀୟ ମ୍ୟାଚ୍ ପଞ୍ଜାବ ଫୁଟବଲ କ୍ଲବ୍ ଏବଂ ଏଫ୍‌ସି ଗୋଆ ମଧ୍ୟରେ ଅନୁଷ୍ଠିତ ହେବ।

***Ganjam***

## ହୃଦ୍‌ରୋଗ ଅସ୍ତ୍ରୋପଚାର

ଜଟିଳ ହୃଦ୍‌ରୋଗ ଅସ୍ତ୍ରୋପଚାର ପାଇଁ ଗଞ୍ଜାମ ଜିଲ୍ଲାର ୪୩ ଜଣ ଶିଶୁ ଆସନ୍ତା ୨୮ ତାରିଖରେ ମୁମ୍ବାଇ ଯାତ୍ରା କରିବେ। ଏଥିରେ ୨ ମାସର ଶିଶୁଠାରୁ ଆରମ୍ଭ କରି ୧୫ ବର୍ଷ ପର୍ଯ୍ୟନ୍ତ ପିଲା ଅଛନ୍ତି।। ସୂଚନାଯୋଗ୍ୟ, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ ଯୋଜନା କାର୍ଯ୍ୟକ୍ରମ ଜରିଆରେ ଶିଶୁମାନଙ୍କ ଜନ୍ମଗତ ତ୍ରୁଟି ଓ ବିଳମ୍ବିତ ବିକାଶ ଜନିତ ସମସ୍ୟାର ଉପଚାର ସହ ନିୟମିତ ବ୍ୟବଧାନରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଏହି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।

*Desk*

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରକୋପ ଆସନ୍ତାକାଲି ପର୍ଯ୍ୟନ୍ତ ଜାରି ରହିବ ଏବଂ ସୋମବାରଠାରୁ ପାଗରେ ସାମାନ୍ୟ ପରିବର୍ତ୍ତନର ସମ୍ଭାବନା ଥିବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ପାଇଁ ସମ୍ବଲପୁର, ଝାରସୁଗୁଡ଼ା, ବୌଦ୍ଧ ଓ ବଲାଙ୍ଗୀର ଜିଲ୍ଲା ପାଇଁ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ସତର୍କ ସୂଚନା ଜାରି କରାଯାଇଛି। ସେହିପରି କାଳବୈଶାଖୀ ସହ ବର୍ଷା ନେଇ ୨୫ଟି ଜିଲ୍ଲାକୁ ମଧ୍ୟ ସତର୍କ ସୂଚନା ଦିଆଯାଇଛି।

*****************************